# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23rd May – 2026

************************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ବିକାଶପାଇଁ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ହେବା ଆବଶ୍ୟକ; କହିଲେ ମୁଖ୍ୟମନ୍ତ୍ରୀ ।

- ଚଳିତ ଶିକ୍ଷାବର୍ଷପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅତିଥି ଅଧ୍ୟାପକ ନିଯୁକ୍ତି ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ।

- ଯୁକ୍ତ ଦୁଇରେ ନାମଲେଖା ନିମନ୍ତେ ଆସନ୍ତା ସୋମବାରଠାରୁ ଆରମ୍ଭ ହେବ ଆବେଦନ ।

ଏବଂ

- ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ।

— ସୁନ୍ଦରଗଡ଼ରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୪ ଦଶମିକ ୭ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ।

***Desk***

# ମୁଖ୍ୟମନ୍ତ୍ରୀ - ଆଇନଶୃଙ୍ଖଳା

ରାଜ୍ୟର ବିକାଶପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଖାରବେଳ ଭବନଠାରେ ଆଜି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରି ଶ୍ରୀ ମାଝୀ ସରକାରଙ୍କ ବିଭିନ୍ନ ପ୍ରତିଶ୍ରୁତି ପାଳନ, ଯୋଜନାର କ୍ରିୟାନ୍ୱୟନ, ଶିଳ୍ପାୟନ ପ୍ରକ୍ରିୟା, ନିଯୁକ୍ତି ସୁଯୋଗ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଇତିମଧ୍ୟରେ ରାଜ୍ୟ ସରକାର ଆସନ୍ତା ମାସରେ ୨ ବର୍ଷ ପୂରଣ କରିବାକୁ ଯାଉଛନ୍ତି । ଗୃହ ବିଭାଗର ଅତିରିକ୍ତ ମଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କ ସହିତ ଶ୍ରୀ ମାଝୀ ନିର୍ଦ୍ଦେଶଗୁଡ଼ିକର ଅନୁପାଳନ ନିମନ୍ତେ ଆଲୋଚନା କରିଥିଲେ । ପୁଲିସ ପ୍ରଶାସନ, ଦକ୍ଷତା ଓ ସତର୍କତାର ସହିତ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବାପାଇଁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା ।

*HS*

# ଅତିଥି ଅଧ୍ୟାପକ ନିଯୁକ୍ତି

ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ୨୦୨୬-୨୭ ଶିକ୍ଷାବର୍ଷପାଇଁ ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି । ଆସନ୍ତା ଜୁଲାଇ ମାସ ପହିଲାରୁ ଅତିଥି ଅଧ୍ୟାପକମାନଙ୍କୁ ଶିକ୍ଷାନୁଷ୍ଠାନରେ ନିୟୋଜିତ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବି.ଏଡ୍., ଏମ୍.ଏଡ୍. ପାଠ୍ୟକ୍ରମପାଇଁ ଅଧ୍ୟାପକଙ୍କ ନୂଆ ପ୍ୟାନେଲ୍ ଗଠନ କରାଯିବ । ଆସନ୍ତା ୩୦ ତାରିଖରେ ଏ ସମ୍ପର୍କିତ ବିଜ୍ଞାପନ ପ୍ରକାଶ ପାଇବ । ପରେ ଆସନ୍ତା ମାସ ୯ ତାରିଖରେ ଏନେଇ ଅନ୍‌ଲାଇନ୍ ପ୍ରକ୍ରିୟା ଆରମ୍ଭ ହେବ । ୨୩ ତାରିଖ ସୁଦ୍ଧା ମେଧାତାଲିକା ପ୍ରକାଶ ପାଇବା ସହ ୨୫ ତାରିଖ ସୁଦ୍ଧା ଚୟନ କରାଯାଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

*HS, Sambalpur/R*

# ନିଯୁକ୍ତିମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ୧୯ତମ ରୋଜଗାର ମେଳାରେ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି । ଦେଶର ୪୭ଟି ସ୍ଥାନରେ ନିଯୁକ୍ତି ପତ୍ର ବଣ୍ଟନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

ନବନିଯୁକ୍ତମାନେ ବିଭିନ୍ନ ସରକାରୀ ବିଭାଗ ଓ ସଂଗଠନଗୁଡ଼ିକରେ ନିଯୁକ୍ତି ପାଇଛନ୍ତି । ମୁଖ୍ୟତଃ ରେଳବାଇ, ସ୍ୱରାଷ୍ଟ୍ର, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ  ଓ ଉଚ୍ଚଶିକ୍ଷା ବିଭାଗରେ ନିଯୁକ୍ତି ଦିଆଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି ।

ଭୁବନେଶ୍ୱର ରେଳ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ଯୋଗଦେଇ ୧୮୬ ଜଣ ନବନିଯୁକ୍ତମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଥିଲେ । ସାଧୁତା ଓ ନିଷ୍ଠା ବଜାୟ ରଖି କର୍ତ୍ତବ୍ୟ ସମ୍ପାଦନ କରିବାପାଇଁ ଶ୍ରୀ ଓରାମ୍ ନବନିଯୁକ୍ତଙ୍କୁ ପରାମର୍ଶ ଦେଇଥିଲେ ।

***Voice (Oram)*** :........

କାର୍ଯ୍ୟକ୍ରମରେ ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ୍, ଆଇ.ଆଇ.ଟି. ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମକାର ପ୍ରମୁଖ ଉପସ୍ଥିତ ଥିଲେ ।

ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ଠାରେ ରୋଜଗାର ମେଳାରେ ୪୦ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି ।

***HS***

# ଯୁକ୍ତ ଦୁଇ ନାମଲେଖା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଯୁକ୍ତ ଦୁଇରେ ନାମଲେଖାପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ସୋମବାରଠାରୁ ଯୁକ୍ତ

ଦୁଇରେ ନାମଲେଖାପାଇଁ ପ୍ରକ୍ରିୟା ଆରମ୍ଭ ହେବ । ଛାତ୍ରଛାତ୍ରୀମାନେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲ୍ ମାଧ୍ୟମରେ ଆବେଦନ କରିପାରିବେ । ଜୁଲାଇ ମାସ ୮ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ । ପରେ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଜାରି ରହିବ ବୋଲି ପରିଷଦ ପକ୍ଷରୁ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ।

***Desk***

# ଉପମୁଖ୍ୟମନ୍ତ୍ରୀ - ସମାଜ ପରିବର୍ତ୍ତନ

ପ୍ରତ୍ୟେକ କ୍ଷେତ୍ରରେ ନୂତନ ଚିନ୍ତାଧାରା ଉଦ୍ରେକ ହେଲେ ସମାଜରେ ପରିବର୍ତ୍ତନ ସମ୍ଭବ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଭୁବନେଶ୍ୱରଠାରେ ଏକ ସମ୍ମିଳନୀରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ଦିଗରେ ନବସୃଜନ, ଉଦ୍ଭାବନ ଓ ଯୁବଶକ୍ତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାର୍ଯ୍ୟକ୍ରମରେ ବି.ଜେ.ପି. ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟସଭା ସାଂସଦ ରାଘବ ଚଢ଼ା ପ୍ରମୁଖ ଉପସ୍ଥିତ ଥିଲେ ।

*Desk*

## ଇବୋଲା ଭାଇରସ୍ - ସମୀକ୍ଷା

ଭୁବନେଶ୍ୱର ଲୋକସେବା ଭବନରେ ଇବୋଲା ଭୂତାଣୁ ସମ୍ଭାବ୍ୟ ସଂକ୍ରମଣ, ପ୍ରତିରୋଧ ଓ ପ୍ରସ୍ତୁତି ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ୍ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି । ରୋଗର ନିୟନ୍ତ୍ରଣ ଏବଂ ନିରାକରଣ ପାଇଁ ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ ରହିବା ସହିତ ଆବଶ୍ୟକ ଚିକିତ୍ସା ସୁବିଧାକୁ ଗୁରୁତ୍ୱ ପ୍ରଦାନ ଉପରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ ପରାମର୍ଶ ଦେଇଛନ୍ତି । ଏଥିସହ ସମ୍ଭାବ୍ୟ ଜରୁରୀକାଳୀନ ସ୍ୱାସ୍ଥ୍ୟ ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ରହିବାକୁ ଜନସଚେତନତା କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବ ଅଶ୍ୱତୀ ଏସ୍., ସ୍ୱତନ୍ତ୍ର ସଚିବ ନୀଳକଣ୍ଠ ମିଶ୍ର ଓ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

*Desk*

## ଓ.ପି.ଟି.ସି.ଏଲ୍. - ଛୁଟି ବାତିଲ୍

ଗ୍ରୀଷ୍ମପ୍ରବାହ ଓ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦାକୁ ଦୃଷ୍ଟିରେ ରଖି ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ - ଓ.ପି.ଟି.ସି.ଏଲ୍. ସମସ୍ତ କର୍ମଚାରୀଙ୍କ

ଅନୁମୋଦିତ ଛୁଟି ବାତିଲ୍ କରିଛି । ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କର୍ମଚାରୀମାନଙ୍କୁ ମୁଖ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି ।

***Nuapada/R***

## ଜଳସେଚନ ପ୍ରକଳ୍ପ

ନୂଆପଡ଼ା ଜିଲ୍ଲାର ଅପରଜୋଙ୍କ୍ ଜଳସେଚନ ପ୍ରକଳ୍ପ ଅଧୀନରେ ବିଭିନ୍ନ କାର୍ଯ୍ୟର ତଦାରଖ ଓ ନିରୀକ୍ଷଣ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଅଧିକାରୀମାନଙ୍କୁ ୨୦ଟି ପାଣି ପଞ୍ଚାୟତର ଦାୟିତ୍ୱ ନିର୍ବାହ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅଧିକାରୀମାନେ ନିୟମିତ ଭାବେ କ୍ଷେତ୍ର ପରିଦର୍ଶନ କରି ଚାଷୀମାନଙ୍କ ସହିତ ସିଧାସଳଖ ଆଲୋଚନା କରିବା ସହ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ କ୍ଷେତ୍ର ପରିଦର୍ଶନ କରି କେନାଲ କାର୍ଯ୍ୟର ଅଗ୍ରଗତି, ଜଳଯୋଗାଣର ସଦ୍ୟତମ ସ୍ଥିତି ଏବଂ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ବିବରଣୀ ସହ ରିପୋର୍ଟ ଦେବାକୁ ଅଧିକାରୀମାନଙ୍କୁ କୁହାଯାଇଛି ।

*Koraput/R*

# ଜଳବିଦ୍ୟୁତ୍ - ଅଗ୍ନିକାଣ୍ଡ

କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକ୍‌ସ୍ଥିତ ମାଛକୁଣ୍ଡ ଜଳବିଦ୍ୟୁତ୍ କେନ୍ଦ୍ରରେ ଭୟାବହ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ବୈଦ୍ୟୁତିକ ଉପକରଣ ପୋଡ଼ି ନଷ୍ଟ ହୋଇଯାଇଛି । ଘଟଣାସ୍ଥଳରେ ଅଗ୍ନିଶମ ସେବା ବିଭାଗର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡରେ ପ୍ରାୟ ୨୦ ଲକ୍ଷ ଟଙ୍କାର ବୈଦ୍ୟୁତିକ ସାମଗ୍ରୀ ନଷ୍ଟ ହୋଇଥିବାର ପ୍ରାଥମିକ ଆକଳନରୁ ଜଣାପଡ଼ିଛି ।

*Nuapada/R*

# ସମୀକ୍ଷା ବୈଠକ

ନୂଆପଡ଼ା ଜିଲ୍ଲାରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗର ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ, ବୃଷ୍ଟିପୁଷ୍ଟ ଅଞ୍ଚଳ ବିକାଶ, ଜଳଧାରା ଯୋଜନା ସମେତ ଅନ୍ୟାନ୍ୟ ଯୋଜନାର ଅଗ୍ରଗତି ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଜିଲ୍ଲାପାଳ ଜଳଧାରା

ଯୋଜନା ଅଧୀନରେ ଚାଲିଥିବା ୨୧୯ଟି ପୋଖରୀ ଖନନ କାର୍ଯ୍ୟକୁ ଆସନ୍ତା ଜୁନ୍ ମାସ ୧୫ ତାରିଖ ସୁଦ୍ଧା ଶେଷ କରିବା ସହ ଅନ୍ୟାନ୍ୟ ପ୍ରକଳ୍ପକୁ ମଧ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

# ହାଇକୋର୍ଟ -ଗ୍ରୀଷ୍ମାବକାଶ

ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମ ଅବକାଶ ଆସନ୍ତା ସୋମବାରଠାରୁ ଆରମ୍ଭ ହୋଇ ଜୁନ୍ ମାସ ୨୧ ତାରିଖ ପର୍ଯ୍ୟନ୍ତ ରହିବ। ଏହି ଅବଧି ମଧ୍ୟରେ ୮ ଦିନ ଅବକାଶକାଳୀନ ଅଦାଲତ ବସିବ। ଜୁନ ୨୨ ତାରିଖଠାରୁ ଅଦାଲତ କାର୍ଯ୍ୟ ଯଥାରୀତି ଆରମ୍ଭ ହେବ।  ଅବକାଶକାଳୀନ ଅଦାଲତଗୁଡ଼ିକ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ସୂଚନା ଦିଆଯାଇଛି।

***Desk***

# କଇଁଛ ଦିବସ

କଇଁଛର ସୁରକ୍ଷା ଓ ସେମାନଙ୍କର ବିଲୁପ୍ତ ବାସସ୍ଥଳୀକୁ ବଞ୍ଚାଇ ରଖିବା ଦିଗରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ

୨୦୦୦ ମସିହାରୁ ଆଜିର ଦିନକୁ ବିଶ୍ୱ କଇଁଛ ଦିବସ ଭାବେ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ମୁଁ କଇଁଛଙ୍କୁ ଭଲପାଏ'। ଗଣନାରୁ ଜଣାପଡ଼ିଛି ପୃଥିବୀରେ ପ୍ରାୟ ୩୦୦ ପ୍ରଜାତିର କଇଁଛ ମଧ୍ୟରୁ ବର୍ତ୍ତମାନ ପ୍ରାୟ ୧୨୯ଟି ପ୍ରଜାତିର କଇଁଛ ବିଲୁପ୍ତ ହୋଇସାରିଲେଣି । କଇଁଛମାନେ ପ୍ରାୟ ୧୫୦ ବର୍ଷରୁ ୩୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି ବୋଲି ପ୍ରାଣୀ ବିଶେଷଜ୍ଞମାନେ ମତ ଦେଇଛନ୍ତି । ରାଜ୍ୟର କେନ୍ଦ୍ରାପଡା ଜିଲ୍ଲାରେ ଅଲିଭ ରିଡ୍‌ଲେ ପ୍ରଜାତିର ବିରଳ କଇଁଛ ଦେଖିବାକୁ ମିଳିଥାନ୍ତି । ଜିଲ୍ଲାର ଗହୀରମଥା, ଦେବୀ ଓ ଋଷିକୂଲ୍ୟା ମୁହାଁଣକୁ ଅଲିଭରିଡ୍‌ଲେଙ୍କ ପ୍ରଜନନ ସ୍ଥଳୀଭାବେ ବିବେଚନା କରାଯାଇଛି । ଏଥିପାଇଁ ବନବିଭାଗ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ଓ ସଂରକ୍ଷଣ ଯୋଗାଇ ଦିଆଯାଉଛି ।

***Met. O.***

## ପାଣିପାଗ

ଓଡ଼ିଶା ଓ ଏହାର ନିକଟବର୍ତ୍ତୀ ଅଞ୍ଚଳ ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ସପ୍ତାହକ ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ସମୟ ମଧ୍ୟରେ ରାଜ୍ୟର କେତେକ ଅଂଚଳରେ ବର୍ଷା ହୋଇପାରେ। ଦକ୍ଷିଣ-ପଶ୍ଚିମ, ଦକ୍ଷିଣ-ପୂର୍ବ ଏବଂ ପୂର୍ବ-ମଧ୍ୟ ବଙ୍ଗୋପସାଗରକୁ ମୌସୁମୀ ବାୟୁ ଅଗ୍ରସର

ହେଉଥିବା ଜଣାପଡ଼ିଛି । ସୁନ୍ଦରଗଡ଼ ଜିଲ୍ଲାର କିରେଇଠାରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୪୪ ଦଶମିକ ୭ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି ।

ଅନ୍ୟପକ୍ଷରେ, ରାଜ୍ୟରେ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୨୪ ଘଣ୍ଟାରେ ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ୧୩ଟି ଜିଲ୍ଲା ଓ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହ ବର୍ଷା ହେବା ନେଇ ୨୫ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

******